# ସବୁ ଗାଡ଼ିଚାଳକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ନିର୍ଦ୍ଦେଶ

ଛତ୍ରପୁର,୧୫।୧(ଡି.ଏନ.ଏ.)


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଗଞ୍ଜାମ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ । ବୈଠକରୁ ଜଣାଯାଇଛି, ୨୦୨୦ରେ ଜିଲାରେ ୬୧୬ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୩୬୩ ଜଣଙ୍କ ଜୀବନ ଯାଇଛି । ଏଥିମଧ୍ୟରେ ୧୬ ନଂ. ଜାତୀୟ ରାଜପଥରେ ୧୧୨ ଜଣଙ୍କ ଜୀବନ ଯାଇଥିବାବେଳେ ରାଜ୍ୟ ଏନଏଚ୍‌ରେ ୫୮, ରାଜ୍ୟ ରାଜପଥରେ ୧୪୧ ଏବଂ ଅନ୍ୟ ରାସ୍ତାରେ ୫୨ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ଦୁର୍ଘଟଣାରେ ୩୫୬ ଜଣ ଗୁରୁତର ଆହତ ହୋଇଛନ୍ତି। ୨୦୧୯ରେ ୩୮୫ ଜଣଙ୍କ ଦୁର୍ଘଟଣାରେ ଜୀବନ ଯାଇଥିଲା । ଗତବର୍ଷ କରୋନା ଯୋଗୁ ଦୀର୍ଘ ମାସ ଧରି ଯାତାୟତ କମ୍ ରହିଥିବା ସତ୍ତ୍ୱେ ଦୁର୍ଘଟଣା ସହ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଛି ।

ଜିଲାର ୫ଟି ରାସ୍ତାରେ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ଏଥିପ୍ରତି ପଦକ୍ଷେପ ନେବାକୁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଛତ୍ରପୁର ଉପକଣ୍ଠ ଉଜ୍ଜ୍ୱଳେଶ୍ୱରୀ ମନ୍ଦିର ଛକ, ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରାସ୍ତା ଠାରୁ ନରେନ୍ଦ୍ରପୁର ଛକ, ଗୋଳନ୍ଥରା-ରମ୍ଭା-ହଳଦିଆପଦର ଛକ-ହଳଦିଆପଦର ବସଷ୍ଟାଣ୍ଡ ରାସ୍ତା, ଜିଲୁଣ୍ଡି ଛକ-ଭଞ୍ଜନଗର ଏବଂ କରଡାବାଡି ଗାଁ-ସୋରଡା ଟୋଲଗେଟ୍ ରାସ୍ତାରେ ବାରମ୍ବା ଦୁର୍ଘଟଣା ଘଟୁଛି। ବେପାରୁଆ ଗାଡି ଚାଳନା ପାଇଁ ୨ ହଜାର ୧୮ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି । ହେଲମେଟ୍ ଯାଞ୍ଚ ନେଇ ୨ କୋଟି ୨୭ ଲକ୍ଷ ୮୧ ହଜାର ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ଟ୍ରାଫିକ ଆଇନ୍ ଉଲ୍ଲଂଘନ ନେଇ ୧୫ ହଜାର ୬୩ ଚାଲାଣ କଟାଯାଇ ୨ କୋଟି ୭୪ ଲକ୍ଷ ୧୩ ହଜାର ୯୯୧ ଟଙ୍କା ଜରିମାନା ଆଦାୟ ହୋଇଛି । ଏଥିସହ ୯୧୯ ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି। ଆସନ୍ତା ୧୮ରୁ ୨୪ ସଡକ ସୁରକ୍ଷା ସଚେତନତା ସପ୍ତାହ ପାଳନ ପ୍ରସ୍ତୁତିର ସମୀକ୍ଷା ମଧ୍ୟ ବୈଠକରେ କରାଯାଇଥିଲା । ଜିଲାରେ ଥିବା ସବୁ ଗାଡି ଚାଳକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବ। ଏହାଦ୍ୱାରା କିଏ ଗାଡି ଚଳାଇବା ପାଇଁ ଯୋଗ୍ୟ କି ନାହିଁ ତାହା ଜଣାପଡିବ ବୋଲି ଜିଲାପାଳ କହିଥିଲେ । ଦୁର୍ଘଟଣା ବଢୁଥିବାରୁ ଜିଲାପାଳ ଏପରି ନିଷ୍ପତ୍ତି ନେଇଛନ୍ତି। ରାସ୍ତା ଉପରେ ଗାଡି ପାର୍କିଂ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଛତ୍ରପୁର କଲେଜ ଛକ-ଡିଆରଡିଏ ଛକ ଫ୍ଲାଇ ଓଭର ଏବଂ ଏନଏଚ୍‌କୁ ୬ ଲେନ୍ କରିବା ନେଇ ପ୍ରସ୍ତାବ ପଠାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ବୈଠକ ଆଲୋଚନାରୁ ଜଣାପଡିଛି । ଜାତୀୟ ରାଜପଥରେ ସିସି କ୍ୟାମେରା ଲଗାଇବା ମଧ୍ୟ ବିଳମ୍ବ ହୋଇଥିବା ଆଲୋଚନା ହୋଇଥିଲା । ବୈଠକରେ ଆରଟିଓ ବିକାଶ ଚୌଧୁରୀ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୩ ଉପଜିଲାପାଳ, ଅତିରିକ୍ତ ଏସପି ଓ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

**ଗଞ୍ଜାମ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

## ସଂକ୍ଷେପରେ

### ସିଟି ହସ୍ପିଟାଲ ଲାବରେଟୋରିକୁ ଗୁଣବତ୍ତା ସାର୍ଟିଫିକେଟ



ବ୍ରହ୍ମପୁର ଅଫିସ,୧୫।୧-ବ୍ରହ୍ମପୁରସ୍ଥିତ ସିଟି ହସ୍ପିଟାଲର ଲାବରେଟୋରିକୁ ମିଳିଛି ଗୁଣବତ୍ତା ସାର୍ଟିଫିକେଟ। ଭେଲୋର ସ୍ଥିତ ଖ୍ରୀଷ୍ଟିଆନ ମେଡିକାଲ କଲେଜ ବାୟୋକେମିଷ୍ଟ ପକ୍ଷରୁ ଆୟୋଜିତ ଏକ୍ସଟରନାଲ କ୍ୱାଲିଟି ଆସୁରାନ୍ସ ସ୍କିମ୍‌ରେ ଅଂଶଗ୍ରହଣ କରି ସିଟି ହସ୍ପିଟାଲର ଲାବରେଟୋରି ଏହି ସାର୍ଟିଫିକେଟ ପାଇଛି। ଏଠାରେ ରକ୍ତ ଓ ଅନ୍ୟାନ୍ୟ ନମୁନାର ପରୀକ୍ଷଣ ରିପୋର୍ଟ ନିର୍ଭୁଲ ଓ ଭରସାଯୋଗ୍ୟ ବୋଲି କୁହାଯାଇଛି। ସେହିପରି ଏହି ହସ୍ପିଟାଲର ରିପୋର୍ଟ ଆସୋସିଏଶନ ଅଫ କ୍ଲିନିକାଲ ବାୟୋକେମିଷ୍ଟ ଅଫ୍ ଇଣ୍ଡିଆ ସହ ଅନୁବନ୍ଧିତ ଥିବା ଭେଲୋରର ଖ୍ରୀଷ୍ଟିଆନ ମେଡିକାଲ କଲେଜର ରିପୋର୍ଟ ସହ ସମାନ ବୋଲି ଜିଲା ପ୍ରକଳ୍ପ ମ୍ୟାନେଜର (ଏନ୍‌ଏଚ୍‌ଏମ୍) ଶ୍ୟାମସୁନ୍ଦର ତ୍ରିପାଠୀ କହିଛନ୍ତି। ପୂର୍ବରୁ ସିଟି ହସ୍ପିଟାଲ ୨ ଥର କାୟାକଳ୍ପ ପୁରସ୍କାର ପାଇସାରିଥିବା ବେଳେ ନିକଟରେ ଆଇଏସ୍‌ଓ ସାର୍ଟିଫିକେଟ ହାତେଇଛି ।

### କୃଷକ ସଭା ପ୍ରତିନିଧି ଦଳର ଦିଲ୍ଲୀ ଯାତ୍ରା

ବ୍ରହ୍ମପୁର ଅଫିସ,୧୫।୧

ନୂଆ କୃଷି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବି ନେଇ ଚାଲିଥିବା ଚାଷୀ ଆନ୍ଦୋଳନରେ ସାମିଲ ହେବା ପାଇଁ ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲା କମିଟି ପକ୍ଷରୁ ଶୁକ୍ରବାର ୧୨ ଜଣ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଏମାନଙ୍କ ମଧ୍ୟରେ ଅଜିତ ପାଣିଗ୍ରାହୀ, କୃଷ୍ଣ ସାହୁ, ଫକୀର ଦାସ, ଅଜୟ ଗୌଡ଼, ପଦ୍ମ ପ୍ରଧାନ, ଖଲି ସ୍ୱାଇଁ, ସତୀଶ ସ୍ୱାଇଁ, ପ୍ରମୋଦ ଛଟେଇ, ଭଗବାନ ସ୍ୱାଇଁ, ଯୁଧିଷ୍ଠିର ବେହେରା ଓ ଟୁକୁନା ସ୍ୱାଇଁ ପ୍ରମୁଖ ଅଛନ୍ତି। ଦିଲ୍ଲୀରେ ଚାଷୀ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଏବଂ ମୋଦି ସରକାରଙ୍କ କୃଷକ ବିରୋଧୀ ୩ କୃଷି ଆଇନ ବାତିଲ ଦାବି ନେଇ ସିପିଏମ ଓ ଏହାର ଛାମୁଆ ସଂଗଠନ କୃଷକ ସଭା, ସିଆଇଟିୟୁ ପକ୍ଷରୁ ବ୍ରହ୍ମପୁର ସମେତ ଜିଲାର ବିଭିନ୍ନ ସ୍ଥାନରେ ଲଗାତର ଆନ୍ଦୋଳନ ଚଳାଇଛନ୍ତି। ଦୀର୍ଘଦିନ ବିତିବା ପରେ ବି ଆଇନ ପ୍ରତ୍ୟାହାର ପାଇଁ ପଦକ୍ଷେପ ନିଆଯାଇନାହିଁ। ଆନ୍ଦୋଳନକାରୀଙ୍କୁ ସହାୟତା ନିମନ୍ତେ କୃଷକ ସଭା ପ୍ରତିନିଧି ଦଳ ଯାଇଛନ୍ତି। କୃଷକ ନେତା ବସନ୍ତ ନନ୍ଦ, ଶ୍ରମିକ ନେତା ଯୁଧିଷ୍ଠିର ବେହେରା, କ୍ଷେତ ମଜଦୁର ନେତା ବିଦ୍ୟାଧର ଜେନା, ମହିଳା ନେତ୍ରୀ ଉର୍ମିଳା ଜେନା ଓ ବିଷ୍ଣୁପ୍ରିୟା ସାହୁ, ଦଳିତ ନେତା ବାପିନୀ ନାୟକ ଓ ଅନେକ ବାମପନ୍ଥୀ କର୍ମୀ ଦିଲ୍ଲୀ ଯାତ୍ରା କରିଥିବା ପ୍ରତିନିଧି ଦଳକୁ ସମ୍ବର୍ଦ୍ଧିତ କରିଥିଲେ।

### ୩ ବାଲି ଟ୍ରାକ୍ଟର ଜବତ

ରାୟଗଡ(ଗଜପତି),୧୫।୧-ବେଆଇନ୍ ବାଲି ଚାଲାଣ ଅଭିଯୋଗରେ ରାୟଗଡ଼ ପୋଲିସ ଗୁରୁବାର ମଧ୍ୟରାତ୍ରିରେ ୩ଟି ଟ୍ରାକ୍ଟର ଜବତ କରିଛି। ଟ୍ରାକ୍ଟର କାଗଜପତ୍ର ଯାଞ୍ଚ ପରେ ପଲିସ ରାୟଗଡ଼ ତହସିଲଦାରଙ୍କୁ ଜଣାଇଥିଲା। ତହସିଲଦାର ଲୀଳାବତୀ ଆଚାର୍ଯ୍ୟ ଉକ୍ତ ଗାଡ଼ିଠାରୁ ୧୦,୧୦୫ ଲେଖାଏ ମୋଟ ୩୦,୩୧୫ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନାଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି।

# ଡାକ୍ତର ସମେତ ୧୧ଶହ ସ୍ୱାସ୍ଥ୍ୟକର୍ମୀ ନେବେ କୋଭିଶିଲ୍ଡ

ବ୍ରହ୍ମପୁର ଅଫିସ,୧୫।୧

**ଆଜିଠୁ ଗଞ୍ଜାମର ୧୧ ଡାକ୍ତରଖାନାରେ କରୋନା ଟିକାକରଣ**

ବିଗତ ଦିନରେ କରୋନାର ହଟ୍‌ସ୍ପଟ୍ ପାଲଟିଥିବା ଗଞ୍ଜାମ ଜିଲାରେ ଶନିବାରଠାରୁ କରୋନା ଟିକା ଦିଆଯିବ। ବ୍ରହ୍ମପୁର ସହର ସମେତ ଜିଲାର ୧୧ ଡାକ୍ତରଖାନାରେ କରୋନା ଟିକା 'କୋଭିଶିଲ୍ଡ' ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଜିଲାର ୧୧ ଶହ ଡାକ୍ତର, ନର୍ସ, ଏଏନ୍‌ଏମ, ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ପ୍ରଦାନ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଉମା ମିଶ୍ର ସୂଚନା ଦେଇଛନ୍ତି। ବ୍ରହ୍ମପୁରରେ ଏମ୍‌କେସିଜି ମେଡିକାଲ, ସିଟି ହସ୍ପିଟାଲ, ଖ୍ରୀଷ୍ଟିଆନ ହସ୍ପିଟାଲ, ଆସ୍କାରୋଡ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ପ୍ରଦାନ କରାଯିବ। ଏହାସହିତ ଜିଲାର ଛତ୍ରପୁର, ଭଞ୍ଜନଗର, ଆସିକା ଉପଖଣ୍ଡ ଚିକିତ୍ସାଳୟ ଏବଂ ଚିକିଟି, ଧରାକୋଟ, ସୁମଣ୍ଡଳ ଓ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ଯାଏ ଟିକାକରଣ ଜାରି ରହିବ। ପ୍ରଥମ ପର୍ଯ୍ୟାୟ ଟିକାଦାନ ସପ୍ତାହକ ମଧ୍ୟରେ ଶେଷ କରିବା ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲାସ୍ତରରେ ଟିକାଦାନ ପ୍ରକ୍ରିୟାକୁ ଶୃଙ୍ଖଳିତ ଓ ତ୍ୱରାନ୍ୱିତ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ରହିଥିବା ନେଇ ସିଡିଏମ୍‌ଓ ମିଶ୍ର ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲା ପାଇଁ ୧୬ ହଜାର ୮୦୦ କୋଭିଶିଲ୍ଡ ଆସିଛି। ସିରମ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ଏହି ଟିକାର ବୈଧତା ଆସନ୍ତା ଏପ୍ରିଲ ୨୯ ତାରିଖ ପର୍ଯ୍ୟନ୍ତ ରହିଛି ବୋଲି ସିଡିଏମ୍‌ଓ କହିଛନ୍ତି।

# ସଙ୍ଗୀତ ନାଟକ ଏକାଡେମୀର ନବ ନିଯୁକ୍ତ ସଦସ୍ୟଙ୍କୁ ସମ୍ବର୍ଦ୍ଧନା


କଳାକାରଙ୍କ ଗ୍ରହଣରେ ଅନୀଲ ପାତ୍ର।

ବ୍ରହ୍ମପୁର ଅଫିସ, ୧୫।୧

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦର ନବ ନିଯୁକ୍ତ ସଦସ୍ୟ ଅନିଲ କୁମାର ପାତ୍ରଙ୍କୁ ଗୁରୁବାର ବ୍ରହ୍ମପୁର ଉତ୍କଳ ଆଶ୍ରମ ସଭାକକ୍ଷରେ ଓଡ଼ିଶା ନାଟକ ସମାରୋହ ସମିତି ଓ ଗଞ୍ଜାମ ଜିଲା କଳାକାର ମହାସଂଘ ତରଫରୁ ମାନପତ୍ର, ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପାତ୍ର ନିଜ ବକ୍ତବ୍ୟରେ ଗଞ୍ଜାମ ଜିଲା କଳାକାରଙ୍କ ଉନ୍ନତି ନିମନ୍ତେ ପ୍ରତିଶ୍ରୁତିବଦ୍ଧ ରହିବା ସହ ରାଜ୍ୟ ଓ ଜିଲାର କଳାକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବେ ବୋଲି କହିଥିଲେ। ନାଟ୍ୟ ନିର୍ଦ୍ଦେଶକ ମଦନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକାର ମହାସଂଘ ସଭାପତି ସୁଶାନ୍ତ ପଟ୍ଟନାୟକ, ବରିଷ୍ଠ ନାଟ୍ୟକାର ନୃସିଂହ ମହାପାତ୍ର, ପ୍ରମୁଖ ମଞ୍ଚାସୀନ ରହିଥିଲେ। ଡ. ମିହିର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶଙ୍କର୍ଷଣ ସାବତ ଓ ଟୁଟୁ ପାଢ଼ୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଭାରେ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ, ଆରତି ପାତ୍ର ଓ ନାଟ୍ୟ ନିର୍ଦ୍ଦେଶକ ରମାରମଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଲ୍ଡେନ ଲ୍ୟାଣ୍ଡ ଜମାକାରୀଙ୍କ ମେଳି


କ୍ଷତିଗ୍ରସ୍ତ ଜମାକାରୀମାନେ।

ବ୍ରହ୍ମପୁର ଅଫିସ,୧୫।୧

**ଟଙ୍କା ନ ମିଳିଲେ କମ୍ପାନୀ ସମ୍ପତ୍ତି ଦଖଲ ଚେତାବନୀ**

ଗୋଲ୍ଡେନ୍ ଲ୍ୟାଣ୍ଡ ଡେଭ୍‌ଲପର ପ୍ରାଇଭେଟ୍ ଲିମିଟେଡ କମ୍ପାନୀରେ ଟଙ୍କା ରଖିଥିବା ଜମାକାରୀମାନେ ସେମାନଙ୍କ ଟଙ୍କା ପାଇନାହାନ୍ତି। ଶୁକ୍ରବାର କ୍ଷତିଗ୍ରସ୍ତ ଜମାକାରୀମାନେ ମେଳି ହୋଇ ତୁରନ୍ତ ତାଙ୍କ ଟଙ୍କା ଫେରାଇବା ନିମନ୍ତେ ପ୍ରଶାସନ ଓ ରାଜ୍ୟ ସରକାର ବ୍ୟବସ୍ଥା କରନ୍ତୁ ବୋଲି ଦାବି କରିଛନ୍ତି। ଏ ନେଇ ଜିଲାପାଳ, ବ୍ରହ୍ମପୁର ଏସ୍‌ପି, କନିଷ୍ଠି ତହସିଲଦାର ଓ ଗୋପାଳପୁର ଥାନାକୁ ଦାବିପତ୍ର ପଠାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ କୌଣସି ସମାଧାନର ପନ୍ଥା ନ ବାହାରିଲେ ଜମାକାରୀମାନେ ଗୋପାଳପୁରରେ କମ୍ପାନି ନାମରେ ଥିବା ୦.୪୦୦୫ ଏକର ଜମି ଉପରେ ଗଢ଼ିଉଠିଥିବା ଗୋଲ୍ଡେନ ରିସୋର୍ଟକୁ ଦଖଲକୁ ନେବାକୁ ବାଧ୍ୟ ହେବେ ବୋଲି ଜମାକାରୀମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ରଙ୍ଗେଇଲୁଣ୍ଡା ବ୍ଲକ ବକ୍ସିପଲ୍ଲୀ ପଞ୍ଚାୟତ ଡିଗିପୁର ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ଜମାକାରୀ ସ୍ଥାନୀୟ ଶିବମନ୍ଦିର ପ୍ରାଙ୍ଗଣରେ ଏକାଠି ହୋଇଥିଲେ । ଦୀର୍ଘବର୍ଷ ଧରି ଗୋଲ୍ଡେନ ଲ୍ୟାଣ୍ଡ ସଂସ୍ଥା ଜମାଟଙ୍କା ଫେରସ୍ତ କରିନାହିଁ। ବହୁବାର ସଂସ୍ଥା ସହ ଯୋଗାଯୋଗ କରିବାକୁ ଚାହୁଁଥିଲେ ମଧ୍ୟ ସଂସ୍ଥା କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତି।

## ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୧୫।୧

ବ୍ରହ୍ମପୁର ମହାନଗରର ୭ ନଂ. ୱାର୍ଡ ସୀତାରାମସାହି ଓ ଜେନାସାହିଠାରେ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ କର୍ପୋରେଟର ରାକେଶ କୁମାର ସାହୁ ଓ ସୁପରଭାଇଜର ଭବାନୀ ବେହେରା ଅତିଥି ଭାବେ ଯୋଗଦେଇ ଶିଶୁକନ୍ୟା ଓ ମା'ଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅଙ୍ଗନୱାଡି କର୍ମୀ ବାସନ୍ତୀ ପାତ୍ର ଓ ବି.ସ୍ୱର୍ଣ୍ଣଲତା ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ପୋଲସରା,୧୫।୧(ଡି.ଏନ.ଏ.)

ପୋଲସରା ବ୍ଲକର ବିଭିନ୍ନ ପଞ୍ଚାୟତର ୧୧ ଗ୍ରାମରେ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସାନବରଗାଁ ପ୍ରକଳ୍ପ ଲାଗି ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଘରୋଇ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବାର ବ୍ୟବସ୍ଥା ରହିଥିବା ବେଳେ ୧୧ଟି ପ୍ରକଳ୍ପ ଲାଗି ପ୍ରାୟ ୫ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ବିଧାୟକଙ୍କ ଗସ୍ତ ବେଳେ ରାଜ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ତୁଷାର କାନ୍ତ ସାହୁ, ଅତିରିକ୍ତ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ, ଅତିରିକ୍ତ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ସଂଯୁକ୍ତା ବାଡ଼ତ୍ୟା, ବ୍ଲକ ବିଜେଡି ସମ୍ପାଦକ ଅଶୋକ ବିଷୋୟୀ ପ୍ରମୁଖ ଉପସ୍ଥିତ ଥଲେ। ନମିନା ଓ ସାନବରଗାଁ ଗ୍ରାମରେ ଜନ ପ୍ରତିନିଧିମାନେ ଅନୁପସ୍ଥିତ ଦେଖିବାକୁ ମିଳିଥିଲା।

# ଅନ୍‌ଲାଇନ୍‌ରେ ଭତ୍ତା ବଣ୍ଟନର ଶୁଭାରମ୍ଭ

ପୁରୁଷୋତ୍ତମପୁର,୧୫।୧(ଡି.ଏନ.ଏ.)

**ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ**

ଗଞ୍ଜାମ ଜିଲାରେ ପ୍ରଥମ କରି ଅନ୍‌ଲାଇନରେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ପୁରୁଷୋତ୍ତମପୁରଠାରେ ଏହାର ଶୁଭାରମ୍ଭ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା, ବିଡିଓ ବିଜୟ କୁମାର ବେହେରା, ଏବିଡିଓ ମଧୁସୂଦନ ମହାରଣା, ଆକ୍ସିସ୍ ବ୍ୟାଙ୍କ ବ୍ରହ୍ମପୁର କ୍ଲଷ୍ଟର ମ୍ୟାନେଜର ବିଶ୍ୱଜିତ ମହାନ୍ତି, ପୁରୁଷୋତ୍ତମପୁର ବ୍ୟାଙ୍କ ମ୍ୟାନେଜର ବିଶ୍ୱଜିତ ରାୟ ପ୍ରମୁଖ ଯୋଗଦେଇ ଥିଲେ। ବ୍ଲକର ୨୬ ପଞ୍ଚାୟତରେ ୧୩,୭୯୮ ଜଣ ରହିଥିବା ବେଳେ ୧୦,୮୯୪ ଜଣଙ୍କ ଆକାଉଣ୍ଟକୁ ଅନ୍‌ଲାନ୍‌ରେ ଭତ୍ତା ଟଙ୍କା ପଠାଯାଇଛି। ୨,୯୦୪ ଜଣ ବ୍ୟାଙ୍କକୁ ଆସିବାରେ ଅସମର୍ଥ ରହିଥିବାରୁ ସେମାନଙ୍କ ଘରକୁ ଯାଇ ଟଙ୍କା ପ୍ରଦାନ କରାଯିବ।

ଏହାସହ ଜିଲାପାଳ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପାଣ୍ଡିଆ ଗ୍ରାମରେ ଥିବା ଐତିହାସିକ ଅଶୋକଙ୍କ ଅନୁଶାସନ ଲିଖିତ ଜଉଗଡ଼ର ବିକାଶ ଲାଗି ବଣପାହାଡ଼ ଘେରା ଅଞ୍ଚଳ ବୁଲି ଦେଖିଥିଲେ। ଏଠାକୁ ପର୍ଯ୍ୟଟକମାନେ ଆସିବାକୁ ଯେପରି ଆଗ୍ରହ ପ୍ରକାଶ କରିବେ ସେନେଇ ପଦକ୍ଷେପ ନେବେ ବୋଲି କହିଥିଲେ। ଏଥିସହ ତାରା ତାରିଣୀଙ୍କ ପୀଠ ଉନ୍ନୟନମୂଳକ କାର୍ଯ୍ୟ, ବଡ଼ଖରିଡ଼ା କାଳେଶ୍ୱର ମନ୍ଦିରରେ ଚାଲିଥିବା ପାର୍କ, ପୋଖରୀ ସୌନ୍ଦର୍ଯ୍ୟକରଣ ଆଦିର ସମୀକ୍ଷା କରିଥିଲେ। ଜିଲାପାଳଙ୍କ ଏହି ଗସ୍ତରେ ବିଡିଓ, ଜିଲା ପରିଷଦ ଉପାଧ୍ୟକ୍ଷା, ବ୍ଲକ ଅଧ୍ୟକ୍ଷ, ସହକାରୀ ଯନ୍ତ୍ରୀ ମୋହନ ନାୟକଙ୍କ ଓ ସରପଞ୍ଚ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ଜୟଦୁର୍ଗା ଟିମ୍ ବିଜୟୀ

ଛତ୍ରପୁର,୧୫।୧(ଡି.ଏନ.ଏ.)


ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଉଛି ।

ଛତ୍ରପୁର ବ୍ଲକ ପୋଡାପଦର ପଞ୍ଚାୟତ କୁମାରବେଗପଲ୍ଲୀ ଗ୍ରାମରେ ଶୁକ୍ରବାର ଜଳେଶ୍ୱର ୟୁଥ ସଂଘ ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥବରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଟୁର୍ନାମେଣ୍ଟରେ ୧୨ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଶୁକ୍ରବାର ପ୍ରଥମ ମ୍ୟାଚ ଜୟ ଦୁର୍ଗା ଓ ବାବୁଜୀ ସିକ୍ସ ଟିମ୍ ମଧ୍ୟରେ ହୋଇଥିଲା। ଜୟଦୁର୍ଗା ଟିମ ୨ -୧ ସେଟ୍‌ରେ ବିଜୟୀ ହୋଇଛି। ଉଦ୍‌ଘାଟନୀରେ ସମ୍ମାନିତ ଅତିଥିଭାବେ ପୋଡାପଦର ସରପଞ୍ଚ ପୀତାମ୍ବର ପଣ୍ଡା, ଗଜେନ୍ଦ୍ର ପଲେଇ ପ୍ରମୁଖ ଯୋଗଦେଇଥିଲେ। ଜଳେଶ୍ୱର ୟୁଥ ସଂଘ ସଭାପତି ମୋହନ ଦାସ, ସୁରେଶ ଦାସ, କାଳିଆ ଦାସ, ନୀତେଶ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରୁଥିଲେ।-

# ବେଆଇନ ହୋର୍ଡିଂ ହଟାଇଲା ବିଏମ୍‌ସି



ଗାନ୍ଧିନଗରଠାରେ ବେଆଇନ ହୋର୍ଡିଂ ହଟାଯାଉଛି।

ବ୍ରହ୍ମପୁର ଅଫିସ୍,୧୫।୧

ବ୍ରହ୍ମପୁରକୁ ସ୍ୱଚ୍ଛ ସର୍ବେକ୍ଷଣରେ ଏକ ନମ୍ବର ସ୍ଥାନରେ ରଖିବା ଲାଗି ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ମର୍ମରେ ଶୁକ୍ରବାର ସହରର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଲାଗିଥିବା ହୋର୍ଡିଂକୁ ଉଚ୍ଛେଦ କରାଯାଇଛି। ସହରର ଗାନ୍ଧୀନଗର ଛକଠାରେ ବିନା ଅନୁମତି ଓ ବିନା ପଞ୍ଜୀକରଣରେ ଲାଗିଥିବା ହୋର୍ଡିଂଗୁଡ଼ିକୁ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ଉଚ୍ଛେଦ କରିଥିଲେ। ସମ୍ପୃକ୍ତ ସଂସ୍ଥାର ମାଲିକ ଓ କିଛି ବ୍ୟବସାୟୀ ବିରୋଧ କରିଥିବା ଦେଖାଯାଇଥିଲା। ଆଗକୁ ଏଭଳି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ବିଏମ୍‌ସି ଡେପୁଟି କମିଶନର ଆଶୁତୋଷ ସାମଲ କହିଛନ୍ତି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ଦିଗପହଣ୍ଡି,୧୫।୧(ଡି.ଏନ.ଏ.)

ଦିଗପହଣ୍ଡି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯିବା ସହ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଏତଲାକୁ ଭିତ୍ତି କରି ଦିଗପହଣ୍ଡି ପୋଲିସ ନଂ.୮/୨୧ ଅନୁଯାୟୀ ଅଭିଯୁକ୍ତ ଡାକ୍ତର ଏବଂ ତାଙ୍କ ସ୍ତ୍ରୀ ,ପୁଅଙ୍କ ନାଁରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ବାସଗୃହ ଜମି ମାଲିକାନା ସତ୍ତ୍ୱକୁ କେନ୍ଦ୍ର କରି ଘଟଣା ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଅମୂଲ୍ୟ ମିଶ୍ର କହିଛନ୍ତି।

# କୁଞ୍ଜବିହାରୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ : କେ.ସାମନ୍ତରାପୁର ଚାମ୍ପିୟନ

ଦିଗପହଣ୍ଡି,୧୫।୧(ଡି.ଏନ.ଏ.)


ଚାମ୍ପିୟନ ଟିମ୍ ସହ ମୁଖ୍ୟଅତିଥି।

ଦିଗପହଣ୍ଡି ହାଇସ୍କୁଲ ଖେଳପଡ଼ିଆଠାରେ ଚାଲିଥିବା କୁଞ୍ଜବିହାରୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶେରଗଡ଼ କ୍ରିକେଟ ଟିମ୍‌କୁ ପରାଜିତ କରି କେ.ସାମନ୍ତରାପୁର କ୍ରିକେଟ ଟିମ୍ ଚାମ୍ପିୟନ ଟ୍ରଫି ହାସଲ କରିଛି। ସାମାଜିକ କର୍ମୀ ରଞ୍ଜନ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କଂଗ୍ରେସ କାର୍ଯ୍ୟକର୍ତ୍ତା ସୁରେନ୍ଦ୍ର ସେଠୀ, ବିକାଶ କୁମାର ପଶୁପାଳକ, କେ. କୁନା, ଦୀପକ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଫାଇନାଲ ମ୍ୟାଚରେ ଟସ ଜିତି ପ୍ରଥମେ କେ.ସାମନ୍ତରାପୁର ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୫୭ ରନ କରିଥିଲା। ଜବାବରେ ଶେରଗଡ଼ ଟିମ ୧୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୫ ରନ କରି ପରାଜିତ ହୋଇଥିଲା। ସନ୍ତୋଷ ବେହେରା ଏବଂ ଶମ୍ଭୋଜ ଦଳେଇ, ବୈକୁଣ୍ଠ ନାଥ ସ୍ୱାଇଁ, ସନ୍ତୋଷ କର, ଟୁକୁନା ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ବାଲି ବୋଝେଇ ଟିପ୍ପରକୁ ୧୦ ହଜାର ଜରିମାନା

ଶେରଗଡ (ଡି.ଏନ.ଏ.) : ଶେରଗଡ-ଆସିକା ରାସ୍ତାରେ ଶୁକ୍ରବାର ଅପରାହ୍ନରେ ବେଆଇନ ବାଲିଚାଲାଣବେଳେ ଏକ ବାଲି ବୋଝେଇ ଟିପ୍ପରକୁ ଜବତ କରାଯାଇଛି। ସୁପରଭାଇଜର ମନୋଜ କୁମାର ନାହାକ, ପି. ପଞ୍ଚମା ଅଟକାଇ ତହସିଲକୁ ନେବାକୁ କହିଥିଲେ। ପରେ ୧୦ହଜାର ଟଙ୍କା ଜରିମାନା ଆଦାୟ ପରେ ଛଡା ଯାଇଥିଲା।

### ସଂକ୍ଷେପରେ

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ଆସିକା,୧୫।୧(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଇଲାକାରେ ବୁଧବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାର ପକ୍ଷରୁ ଗୁରୁବାର ଗାଙ୍ଗପୁର ଥାନାରେ ଅଭିଯୋଗ ପରେ ନଂ.୧୮/୨୧ରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି।

## ଡିଏଫ୍‌ଓଙ୍କ ବୁଗୁଡ଼ା ବନାଞ୍ଚଳ ପରିଦର୍ଶନ

ବୁଗୁଡ଼ା,୧୫।୧(ଡି.ଏନ.ଏ.)-ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା ଗୁରୁବାର ବୁଗୁଡ଼ା ବନାଞ୍ଚଳ ପରିଦର୍ଶନ କରିଥିଲେ। ଅଧିକାରୀ ପ୍ରଥମେ ବନାଞ୍ଚଳ ଅନ୍ତର୍ଗତ ମାଣିତରା ସେକ୍ସନର କୁମୁଣ୍ଡ ପିଆଶାଳ ଜଙ୍ଗଲ ବୁଲି ଦେଖିବା ସହ ପଞ୍ଚଭୂତି ଓ ଭଗବାନପୁର ସେକ୍ସନରେ ନିର୍ମାଣ ହେଉଥିବା ଜଳାଶୟ ପ୍ରକଳ୍ପ ଦେଖି ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ବୁଦ୍ଧଖୋଲ ନିକଟରେ ଥିବା ଇକୋ ପାର୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ବନାଞ୍ଚଳ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧିକାରୀ ଯୋଗଦେଇ ବନ୍ୟଜନ୍ତୁର ସୁରକ୍ଷା, ଜଙ୍ଗଲର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେବା ସହ ହାତୀଙ୍କ ଗତିବିଧି ନିରୀକ୍ଷଣ କରିବାକୁ ରାତି ପାଟ୍ରୋଲିଂ କଡ଼ାକଡ଼ି କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ସମେତ ସମସ୍ତ ବନପାଳ, ବନରକ୍ଷୀ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟକର୍ମୀ ନେବେନି କରୋନା ଟିକା

କୁକୁଡାଖଣ୍ଡି,୧୫।୧- ଓଡ଼ିଶା ବହୁମୁଖୀ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ମହାସଂଘ ଶନିବାର ହେବାକୁ ଥିବା କୋଭିଡ୍ ଟିକା ନେବେ ନାହିଁ। ସରକାରଙ୍କ ଏହି କୋଭିଡ ଟିକା କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ କିନ୍ତୁ ନିଜେ ଟିକା ନେବେ ନାହିଁ। ଏ ନେଇ ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏଏନ୍‌ଏମ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫେବୃୟାରୀ ୨ ତାରିଖରୁ କୋଭିଡ୍ ଟିକା କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ଅନ୍ୟ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି କହିଛନ୍ତି। ଦୀର୍ଘ ବର୍ଷ ଧରି ଏଏନ୍‌ଏମ୍‌ଙ୍କ ପଦୋନ୍ନତି ଦାବିରେ ସ୍ୱାସ୍ଥ୍ୟ କର୍ମୀ ଏହି ନିଷ୍ପତ୍ତି ନେଇଛନ୍ତି।

## ଜଳ ଯୋଗାଣ କାର୍ଯ୍ୟ ନିରୀକ୍ଷଣ କଲେ ଅଧୀକ୍ଷଣ ଯନ୍ତ୍ରୀ

ବୁଗୁଡ଼ା,୧୫।୧(ଡି.ଏନ.ଏ.)- ବୁଗୁଡ଼ା ବ୍ଲକ ମତାଝରି ନିକଟରେ ଥିବା ବାଘୁଆ ଜଳଭଣ୍ଡାରକୁ ଗୁରୁବାର ବ୍ରହ୍ମପୁର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପରିଦର୍ଶନ କରିଥିଲେ। କେନାଲ ଦେଇ ଠିକ୍ ଭାବେ ଜଳ ଯୋଗାଣ ହେଉଛି କି ନାହିଁ ବୁଲି ଦେଖିଥିଲେ। ଏଥିସହିତ ସବ୍ କେନାଲ ଦ୍ୱାରା କ୍ଷେତକୁ ପାଣି ମାଡିବା ଓ ଚାଷୀମାନେ ଏନେଇ ସନ୍ତୁଷ୍ଟ ଥିବା ଜାଣି ଖୁସି ବ୍ୟକ୍ତ କରିଥିଲେ। ପରିଦର୍ଶନବେଳେ ଭଞ୍ଜନଗର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ସାମନ୍ତରାୟ, ବାଘୁଆ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ଚରଣ ସାହୁ, କେଶବ ଖଟେଇ ଓ ବୈଜୟନ୍ତୀ ସାହୁ ଉପସ୍ଥିତ ଥିଲେ।

# କମୁଛି ଭଞ୍ଜନଗର ଜଳଭଣ୍ଡାରର ଜଳସ୍ତର

- ଖରାଦିନେ ସହରରେ ପାନୀୟ ଜଳ ସମସ୍ୟା ଆଶଙ୍କା
- ମାର୍ଚ୍ଚ ସୁଦ୍ଧା ସବୁ ଘରକୁ ପାଇପ୍ ପାଣି ଲକ୍ଷ୍ୟ

ଭଞ୍ଜନଗର,୧୫।୧(ଡି.ଏନ.ଏ.)


ଜଳଭଣ୍ଡାରର ଜଳସ୍ତର କମି ଆସୁଛି।

ଶୀତଋତୁ ସରିବାକୁ ବସୁଥିବାବେଳେ ଭଞ୍ଜନଗର ଜଳଭଣ୍ଡାରର ଜଳସ୍ତର କମୁଛି। ଆଗକୁ ବର୍ଷା ନହେଲେ ଜଳସ୍ତର ବହୁ ତଳକୁ ଚାଲିଯିବା ସମ୍ଭାବନା ରହିଛି। ଏଥିସହ ଆଗାମୀ ଦିନରେ ଚାଷ ପାଇଁ ପାଣି ଦିଆଯିବା ସମ୍ଭାବନା ରହିଛି। ବ୍ରହ୍ମପୁର ସହରକୁ ମଧ୍ୟ ଏଠାରୁ ପିଇବା ପାଣି ଯୋଗାଇ ଦିଆଯିବ। ତେଣୁ ଆଗାମୀଦିନରେ ସହରରେ ପାନୀୟ ଜଳଯୋଗାଣରେ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ଏନେଇ ଏବେଠୁ ସହରବାସୀ ଚିନ୍ତା ପ୍ରକଟ କଲେଣି।

ପ୍ରକାଶ ଯେ, ୨୦୨୧ ମାର୍ଚ୍ଚ ସୁଦ୍ଧା ଭଞ୍ଜନଗର ସହରର ସମସ୍ତ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବା ଲକ୍ଷ୍ୟ ରଖାଯାଇଛି। ଏନେଇ ଦ୍ରୁତଗତିରେ କାମ ଚାଲିଛି। ଅଧିକାଂଶ ଘରକୁ ବର୍ତ୍ତମାନ ପାଇପ ବିଛା ସରିଛି। କମ୍ ଦିନ ମଧ୍ୟରେ ସମସ୍ତ ଘରେ ପିଇବା ପାଣି ପହଞ୍ଚିବ। ସରକାରଙ୍କ ଏହିଭଳି ନିଷ୍ପତ୍ତିକୁ ସହରବାସୀ ମଧ୍ୟ ସ୍ୱାଗତ କରିଛନ୍ତି। ବର୍ତ୍ତମାନ ଭଞ୍ଜନଗର ସହରରେ ୨୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସେଥିମଧ୍ୟରେ ଥିବା ୫ ହଜାର ୨୨ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦେବା କାର୍ଯ୍ୟ ଚାଲିଛି। ବର୍ତ୍ତମାନ ଜଣପିଛା ୧୩୫ ଲିଟର ପାଣି ଦିଆଯାଉଛି। ସହରବାସୀଙ୍କୁ ଦୈନିକ ୨୫ଲକ୍ଷ ଲିଟର ପାଣି ଆବଶ୍ୟକ ଥିବାବେଳେ ବିଭିନ୍ନ କାରଣ ଯୋଗୁ ଆବଶ୍ୟକତାଠୁ ଅଧିକ ୭ଲକ୍ଷ ଲିଟର ପାଣି ଦିଆଯାଉଛି। କିନ୍ତୁ ଅଧିକାଂଶ ଲୋକେ ପମ୍ପ ଲଗାଇ ପାଣି ଭିଡି ନେଉଛନ୍ତି। ଆଗାମୀ ୩୦ ବର୍ଷକୁ ଆଖି ଆଗରେ ରଖି ସହରର ପାନୀୟଜଳ ବ୍ୟବସ୍ଥା ଚାଲିଛି। ତେଣୁ ସାଢ଼େ ୩ କୋଟି ଟଙ୍କା ବ୍ୟୟରେ ୪୦ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଜଳ ବିଶୋଧନାଗାର ପାର୍କ ରୋଡ୍‌ରେ ନିର୍ମାଣ ହେବ। ବର୍ତ୍ତମାନ ସହରର ଅଧିକାଂଶ ଅଞ୍ଚଳର ପୁରୁଣା ପାଇପ୍ ବଦଳାଯାଇଛି। ପମ୍ପ ହାଉସରୁ ସହରକୁ ଆସିଥିବା ମୁଖ୍ୟ ପାଇପ୍ ଲାଇନ୍‌ଟି ବିଭିନ୍ନ କାରଣ ଯୋଗୁ ବଦଳା ଯାଇପାରିନାହିଁ। ଉକ୍ତ ପାଇପ୍‌ଟି ୩୫ ବର୍ଷ ପୁରୁଣା ହୋଇଗଲାଣି। ତେଣୁ ପୁରୁଣା ମୁଖ୍ୟ ପାଇପ୍‌ଟିକୁ ବଦଳାଇବାର ଆବଶ୍ୟକତା ରହିଛି। ମଙ୍ଗଳବାର ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୯୧.୭୦ ମିଟର ଅଛି। ଡେଡ୍ ଲେବଲ ହେଉଛି ୮୦.୭୭ ମିଟର। ଏନେଇ ଜଳସମ୍ପଦ ବିଭାଗ ଯନ୍ତ୍ରୀ କହିଛନ୍ତି, ବର୍ଷା ନହେଲେ ଜଳସ୍ତର ବହୁତ କମିଯିବ। ଏହାଦ୍ୱାରା ସହରରେ ପାନୀୟ ଜଳଯୋଗାଣରେ ସମସ୍ୟା ହୋଇପାରେ। ସେହିଭଳି ଜନସ୍ୱାସ୍ଥ୍ୟ ବିଭାଗର ଜଣେ ଯନ୍ତ୍ରୀଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି, ପ୍ରାୟ ୧୧ ବର୍ଷ ପୂର୍ବେ ଜଳଭଣ୍ଡାରର ଜଳସ୍ତର ବହୁତ ତଳକୁ ଚାଲିଯାଇଥିଲା। ତେଣୁ ଜଳଭଣ୍ଡାର ମୁଖ୍ୟ ଫାଟକ ନିକଟରେ ମଜୁଦ୍ ଥିବା ପାଣିକୁ ପାଇପ୍ ପକାଇ ଇନ୍‌ଟେକ୍‌ୱେଲ ନିକଟକୁ ଅଣାଯାଇଥିଲା। ଚଳିତବର୍ଷ ଏହାର ପୁନରାବୃତି ହେବାର ଆଶଙ୍କା ନାହିଁ।

# ସ୍ମାର୍ଟକ୍ଲାସ୍‌ରେ ବସିଲେ ଜିଲାପାଳ


ସ୍ମାର୍ଟ କ୍ଲାସରେ ଛାତ୍ରୀଛାତ୍ରଙ୍କ ସହ ବସିଛନ୍ତି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ।

ଶେରଗଡ,୧୫।୧(ଡି.ଏନ୍.ଏ.)–

ଶେରଗଡ ପିତ୍ତଳ ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଶୁକ୍ରବାର କ୍ଲାସ ଚାଲିଥିବାବେଳେ ଅଚାନକ ପହଞ୍ଚିଥିଲେ। ଦଶମ ଶ୍ରେଣୀ କ୍ଲାସ୍ ଚାଲିଥିବାବେଳେ ଶ୍ରେଣୀଗୃହକୁ ଯାଇ ବସିଥିଲେ। ପାଠ ପଢାଉଥିବା ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ସ୍ମାର୍ଟକ୍ଲାସ ଜରିଆରେ ଡେମୋ ଦେଖାଇବାକୁ କହିଥିଲେ। ଏହାପରେ ଶିକ୍ଷୟିତ୍ରୀ ବିଜ୍ଞାନର ଏକ ବିଷୟକୁ କମ୍ପ୍ୟୁଟର ମାଧ୍ୟମରେ ପଢାଇଥିଲେ। ଏହାପରେ ଜିଲାପାଳ ସ୍ମାର୍ଟ କ୍ଲାସର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏଣିକି ଏପରି କ୍ଲାସ ହେବ, ଯେପରି ଭଲଭାବେ ବୁଝିବେ ସେଥିପ୍ରତି ଦୃଷ୍ଟିଦେବାକୁ ପିଲାମାନଙ୍କୁ କହିଥିଲେ। ବିଡିଓ ସୁରଞ୍ଜନ କୁମାର ସାହୁ ଓ ଡିଇଓ ଅମୂଲ୍ୟ କୁମାର ପ୍ରଧାନ ଏହି ସମୟରେ ଉପସ୍ଥିତ ଥିଲେ।

## ବରାଳଦେବୀ ପୀଠ ରାସ୍ତାରେ ଜଳିବ ଆଲୁଅ

ଖଜୁରିପଡ଼ା/ବଲସକୁମ୍ପା, ୧୫।୧ (ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ଗ୍ରାମରେ ୧୦ ଷ୍ଟ୍ରିଟ ଲାଇଟ୍ ଲଗାଇବା ପାଇଁ ୨ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁର ହୋଇଛି। ଉକ୍ତ ଗାଁରେ ଅଧିଷ୍ଠାତ୍ରୀ ଦେବୀ ମାଁ ବରାଳ ଦେବୀଙ୍କ ମନ୍ଦିର ଥିବାବେଳେ ଜିଲା ତଥା ଜିଲା ବାହାରୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ବହୁଦିନ ହେଲା ଏହି ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକେ ନାହିଁ ନଥିବା ହଇରାଣ ହେଉଥିଲେ। ବଲସକୁମ୍ପା ସରପଞ୍ଚ ଅଜୟ କୁମାର ମଲ୍ଲିକ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ହେଡ୍‌କ୍ୱାର୍ଟରରେ ଷ୍ଟ୍ରିଟ ଲାଇଟ୍ ଲଗାଇବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଙ୍କୁ ଅନୁରୋଧ କରିଥିଲେ। ଡିଆର୍‌ଡିଏର ମଞ୍ଜୁର ଅନୁସାରେ ରାସ୍ତା କଡ଼ରେ ଷ୍ଟ୍ରିଟ ଲାଇଟ୍ ଲଗାଇବା ପାଇଁ ଟଙ୍କା ମଞ୍ଜୁର ହୋଇଥିବା ସରପଞ୍ଚ କହିଛନ୍ତି।

## ଆଶାକର୍ମୀଙ୍କୁ ନେଇ ତାଲିମ ଶିବିର

ଆସିକା,୧୫।୧(ଡି.ଏନ୍.ଏ.)

ଆସିକା ବ୍ଲକ ଗୁଣ୍ଡପଡାସ୍ଥିତ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ପକ୍ଷରୁ ଶୁକ୍ରବାର ଆଶା କର୍ମୀଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡାକ୍ତରଖାନାର ଚିକିତ୍ସାଧିକାରୀ ଡାକ୍ତର ରଞ୍ଜିତ କୁମାର ପଟ୍ଟନାୟକଙ୍କ ଦ୍ୱାରା ଆୟୁଷ ମିଶନ ପକ୍ଷରୁ ହାତକୁ ନିଆଯାଇଥିବା ଯୋଗ କାର୍ଯ୍ୟକ୍ରମ, ଔଷଧୀୟ ଚାରା ରୋପଣ ଏବଂ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ତାଲିମ ଦିଆଯାଇଥିଲା। ସରକାରଙ୍କ ପକ୍ଷରୁ ଉଚ୍ଚମାନର ଯଥେଷ୍ଟ ଔଷଧ ଜନସାଧାରଣଙ୍କ ନିମନ୍ତେ ଡାକ୍ତରଖାନାରେ ମହଜୁଦ ଥିବାରୁ ଜନସାଧାରଣ ଆବଶ୍ୟକ ପରିସ୍ଥିତିରେ ଏହି ଔଷଧ ନେବା ନିମନ୍ତେ ସଚେତନ କରିବାକୁ ଆଶା କର୍ମୀଙ୍କୁ ପରାମର୍ଶ ଦିଆଯାଇଥିବା ଡାକ୍ତର ପଟ୍ଟନାୟକ ସୂଚନା ଦେଇଛନ୍ତି।

# କିଷାନ ମଜଦୁର ସଭା ପକ୍ଷରୁ ବିକ୍ଷୋଭ

ଦିଗପହଣ୍ଡି/ବେଗୁନିଆପଡ଼ା, ୧୫।୧ (ଡି.ଏନ.ଏ.)


ବେଗୁନିଆପଡ଼ାରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ବିକ୍ଷୋଭ।

ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଅଖିଳ ଭାରତ କିଶାନ ମଜଦୂର ସଭା ପକ୍ଷରୁ ବିକ୍ଷୋଭ କରାଯାଇଛି। ବାଦ ପଡ଼ିଥିବା ସମସ୍ତ ଚାଷୀଙ୍କ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ସହ ତୁରନ୍ତ ଟୋକନ ବ୍ୟବସ୍ଥା, କଟନି ଛଟନି ବନ୍ଦ, କଳା କୃଷି ଆଇନ ବିରୋଧରେ କୃଷକ ଆନ୍ଦୋଳନକୁ ସମର୍ଥନ, ଧାନ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା ପ୍ରଦାନ ଆଦି ଦାବି ନେଇ କୃଷକ ସଙ୍ଗଠନ କାର୍ଯ୍ୟକର୍ତ୍ତା ବିଡିଓ ହଳଧର ଶବରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣି ତ୍ରିନାଥ ଶବରଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। କିଶାନ ମଜଦୂର ସଭାର ଜିଲା କମିଟି ସଭ୍ୟ ଲଡୁ କିଶୋର ଡାକୁଆଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା।

ସେହିପରି ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ବେଗୁନିଆପଡ଼ା ବ୍ଲକ ଘେରାଉ କରାଯାଇଛି। ଏଥିସହ ଏକ ସ୍ମାରକପତ୍ର ବେଗୁନିଆପଡ଼ା ବିଡିଓ ବେଦବର ପ୍ରଧାନଙ୍କ ମାଧ୍ୟମରେ ପ୍ରଧାନ ମନ୍ତ୍ରୀଙ୍କ ନିକଟକୁ ଦିଆଯାଇଛି। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ଏଥିରେ ଅଖିଳ ଭାରତ ଯୁବସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀ, ଓଡିଶା କୃଷକ ସଭା ଜିଲା ସମ୍ପାଦକ ହରେକୃଷ୍ଣ ରେଡ୍ଡୀ, ଅଖିଳ ଭାରତ କୃଷକ ସଭା ଜିଲା ଉପ ସଭାପତି ଜୟକୃଷ୍ଣ ନାହାକ, ନାରାୟଣ ସେଠୀ, କମଳଲୋଚନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ସାତପହଣ୍ଡିରେ ହାତୀ ଆତଙ୍କ


ସାତପହଣ୍ଡିରେ ହାତୀପଲ।

କୁକୁଡ଼ାଖଣ୍ଡି,୧୫।୧

କୁକୁଡ଼ାଖଣ୍ଡି ବ୍ଲକ ସାତପହଣ୍ଡିରେ ପୁଣି ବଣୁଆ ହାତୀ ଆତଙ୍କ ଦୀର୍ଘ ପାଞ୍ଚଦିନ ହେବ ଦେଖିବାକୁ ମିଳିଛି। ପଲରେ ଥିବା ୧୪ ବଣୁଆ ହାତୀ ଚାଷୀଙ୍କ ବିଲରେ ପଶି ବ୍ୟାପକ ଫସଲ ନିଷ୍ଟ କରୁଛନ୍ତି। ଉକ୍ତ ଗାଁଟି ପାହାଡ଼ ପାର୍ଶ୍ୱରେ ଥିବାରୁ ପ୍ରତ୍ୟେକ ବର୍ଷ ଧାନ ଅମଳ ସମୟରେ ହାତୀ ଆସି କ୍ଷୟକ୍ଷତି ଘଟାଉଛନ୍ତି। ଋଣ କରି ଚାଷ କରିଥିବା ଚାଷୀମାନେ ଚିନ୍ତାରେ ପଡ଼ିଥିବା ବେଳେ ଏନେଇ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିବା ସତ୍ତ୍ୱେ ନିରାଶ ହୋଇଛନ୍ତି। ଏ ସମ୍ପର୍କରେ ବନ ବିଭାଗୀ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ହୋଇପାରୁ ନାହିଁ। ଶେଷରେ ବାଧହୋଇ ସ୍ଥାନୀୟ ଲୋକମାନେ ହାତୀଙ୍କୁ ଘଉଡାଇଛନ୍ତି। ରାତି ଅନିଦ୍ରା ହୋଇ ଧାନ ଫସଲ ଜଗି ରହୁଥିଲେ ସୁଦ୍ଧା ହାତୀଙ୍କ କବଳରୁ ବଞ୍ଚାଇ ପାରୁନାହାନ୍ତି। ହାତୀଙ୍କ ଦ୍ୱାରା ହେଉଥିବା କ୍ଷୟକ୍ଷତିର ଭରଣା କରିବା ପାଇଁ ସରକାରଙ୍କ ପ୍ରାବଧାନ ଥିଲେ ସୁଦ୍ଧା ବିଭାଗର କୌଣସି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଗଜପତିରେ ରାମ ମନ୍ଦିର ନିଧି ସମର୍ପଣ କାର୍ଯ୍ୟକ୍ରମ


ପାଣ୍ଠି ସଂଗ୍ରହ କରାଯାଉଛି।

ପାରଳାଖେମୁଣ୍ଡି,୧୫।୧(ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ ସକାଶେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି(ଓଡିଶା) ଗଜପତି ଜିଲା ଶାଖା ତରଫରୁ ଅନୁଷ୍ଠିତ ଏହି ସମ୍ମିଳନୀରେ ଜାନୁୟାରୀ ୧୫ରୁ ୩୦ ପର୍ଯ୍ୟନ୍ତ ନିଧି(ଅର୍ଥ) ସଂଗ୍ରହ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଜିଲାରେ ୧୨ଶହ ଗ୍ରାମର ସାଢେ ୩ଲକ୍ଷ ପରିବାର ସହ ଯୋଗାଯୋଗ କରାଯିବ। ଏନେଇ ୧୮୫ ଗ୍ରୁପ୍ ଗଠିତ ହୋଇଛି ଓ ଶୁକ୍ରବାରଠାରୁ ନିଧି ସଂଗ୍ରହ ନିମନ୍ତେ ଅଭିଯାନ ଆରମ୍ଭ ହୋଇଛି ବୋଲି ସୂଚନା ଦିଆଯାଇଥିଲା। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ତରଫରୁ ପ୍ରଦାନ କରାଯାଇଥିବା ୧୦, ୧୦୦ ଓ ୧୦୦୦ଟଙ୍କା କୁପନ ମାଧ୍ୟମରେ ଅର୍ଥ ସଂଗ୍ରହ କରାଯିବ। ସମ୍ମିଳନୀରେ ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ରମାକାନ୍ତ ରଥ, ବନବାସୀ କଲ୍ୟାଣ ଆଶ୍ରମ ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବିଶ୍ୱାମିତ୍ର ମହନ୍ତ, ଆର୍‌ଏସ୍‌ଏସ୍‌ର ଜିଲା ସଂଘଚାଳକ ଗୌରାଙ୍ଗ ପାଣିଗ୍ରାହୀ, ଆର୍‌ଏସ୍‌ଏସ୍‌ର ଗଞ୍ଜାମ ବିଭାଗ କାର୍ଯ୍ୟକାରିଣୀ ସଦସ୍ୟ ଅନାଦି ପାଣିଗ୍ରାହୀ, ବିନୋଦ ଚନ୍ଦ୍ର ଜେନା ଓ ମହନ୍ତ ରାମାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଣିକ ସଂଘ କର୍ମକର୍ତ୍ତା ଚୟନ

ଗଞ୍ଜାମ,୧୫।୧(ଡି.ଏନ.ଏ.)


ସାନ ବଜାର ବଣିକ ସଂଘ ବୈଠକ।

ଗଞ୍ଜାମ ସହର ସ୍ଥିତ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ସାନ ବଜାର ବଣିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ସୁଧୀର କୁମାର ପାଢ଼ୀ, ସମ୍ପାଦକ ପ୍ରଭାତ କୁମାର ସାହୁ, ସହ ସମ୍ପାଦକ ମନୋଜ ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ଗୌଡ଼ଙ୍କ ନାମ ଘୋଷଣା କରାଯାଇଥିଲା। ପୂର୍ବରୁ ପ୍ରତ୍ୟେକ ମାସ ସଂକ୍ରାନ୍ତିରେ ବଜାର ବନ୍ଦ ରହୁଥିବାବେଳେ ପ୍ରତ୍ୟେକ ମାସର ୨୮ରେ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଲିଙ୍ଗରାଜ ପଣ୍ଡା, ନୀଳକଣ୍ଠ ପଣ୍ଡା, ଦେବରାଜ ସାହୁ, ରାମକୃଷ୍ଣ ପଣ୍ଡା, ରବୀନ୍ଦ୍ର ଗୌଡ଼ଙ୍କ ସମେତ ପ୍ରାୟ ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ।

# ଦାରିଙ୍ଗବାଡ଼ିରେ ଖୋଲିଲା ମାଣ୍ଡିଆ ମଣ୍ଡି

ଦାରିଙ୍ଗବାଡି,୧୫।୧(ଡି.ଏନ୍.ଏ.)


ବିଧାୟକ ସାଲୁଗା ପ୍ରଧାନ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ପ୍ରଥମଥର ପାଇଁ ମାଣ୍ଡିଆ ମଣ୍ଡି ଶୁକ୍ରବାର ଡବେରୀ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପାହାଡ଼ି ପ୍ରତ୍ୟୁସର ଗ୍ରୁପ୍‌ର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ ଶତପଥୀ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକପ୍ରତିନିଧି ଓ ଗାଁ ମୁଖିଆମାନେ ମଧ୍ୟ ଉପସ୍ଥିତ ଥିଲେ। ବ୍ଲକର ୪ଟି ସ୍ଥାନରେ ଏହି ମଣ୍ଡି ବ୍ୟବସ୍ଥା କରାଯାଇଥିବାବେଳେ ପ୍ରଥମ ଦିନରେ ମୋଟ ୧୭୮ଜଣ ଚାଷୀଙ୍କ ଠାରୁ ୧୦୯ କୁଇଣ୍ଟାଲ ମାଣ୍ଡିଆ କିଲୋ ପିଛା ୩୨ ଟଙ୍କା ୯୫ ପଇସାରେ କିଣାଯାଇଥିଲା। ଡବେରୀ ସମତେ ସିମନବାଡ଼ି, ଭ୍ରମରବାଡ଼ି ଏବଂ ବ୍ରାହ୍ମଣୀଗାଁରେ ମଣ୍ଡି ବ୍ୟବସ୍ଥା କରାଯାଇଥିବା ମିଲେଟ ମିଶନର ପ୍ରକଳ୍ପ ସଂଯୋଜକ ମହେନ୍ଦ୍ର କୁମାର ପରିଡ଼ା କହିଛନ୍ତି। ତେବେ ବ୍ରାହ୍ମଣୀଗାଁ ବ୍ରତିତ ଅନ୍ୟସବୁ ମଣ୍ଡି ଖୋଲାଯାଇଥିବା ସେ କହିଛନ୍ତି। ସୂଚନା ଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୁଦ୍ରଦାନାଶସ୍ୟର ପୁନରୁଦ୍ଧାର ପାଇଁ 'ମିଲେଟ ମିଶନ' ମାଧ୍ୟମରେ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯାଇଛି।

# କୋଟଗଡ଼, ତୁମୁଡିବନ୍ଧରେ ନୂତନ କୋର୍ଟ

## ପୂରଣ ହେଲା ଦୀର୍ଘଦିନର ଦାବି

ଫୁଲବାଣୀ ଅଫିସ/କୋଟଗଡ /ତୁମୁଡିବନ୍ଧ,୧୫।୧


ବିଚାରପତି କୃଷ୍ଣରାମ ମହାପାତ୍ର କୋର୍ଟ ଉଦ୍‌ଘାଟନ କରୁଛନ୍ତି।

କନ୍ଧମାଳ ଜିଲା କୋଟଗଡ ଏବଂ ତୁମୁଡିବନ୍ଧ ଅଞ୍ଚଳବାସୀଙ୍କ ବହୁଦିନର ଦାବି ପୂରଣ ହୋଇଛି। ଏହି ଦୁଇଟି ବ୍ଲକରେ ଶୁକ୍ରବାର ନୂତନଭାବେ ଦୁଇଟି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୋର୍ଟ(ଜେଏମ୍‌ଏଫ୍‌ସି) ଖୋଲାଯାଇଛି। ମୁଖ୍ୟଅତିଥି ଭାବେ ହାଇକୋର୍ଟ ବିଚାରପତି କୃଷ୍ଣରାମ ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଙ୍କୁ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଏବଂ ସଂକୀର୍ତ୍ତନ ଜରିଆରେ ସ୍ୱାଗତ କରାଯାଇଥିଲା। କୋଟଗଡରେ ମୁଖ୍ୟଅତିଥି ତଥା ବିଚାରପତି ମହାପାତ୍ର ଏକ ମାମଲାର ସାକ୍ଷ୍ୟ ବିଚାରଣ କରିଥିଲେ। ବହୁ ଦିନରୁ ହୋଇଆସୁଥିବା ଏହି ଦାବି ପୂରଣ ହୋଇଥିବାରୁ ଲୋକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏଣିକି କୋଟଗଡ ଥାନା ଏବଂ ତୁମୁଡିବନ୍ଧ ଥାନା ଅଞ୍ଚଳର ମାମଲା ଏଠାରେ ପରିଚାଳନା ହେବ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲିଗୁଡା ଉପ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ତୁମୁଡବନ୍ଧ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, କୋଟଗଡ ବିଡିଓ କୈଳାସ ଚନ୍ଦ୍ର ମୁର୍ମୁ, ତହସିଲଦାର ଲକ୍ଷ୍ମୀଧର ସାହୁ, ତୁମୁଡିବନ୍ଧ ତହସିଲଦାର ଅନୁରାଧା ମଲ୍ଲିକ, ବାଲିଗୁଡା ଓକିଲ ସଂଘର କର୍ମକର୍ତ୍ତାମାନେ ସାମିଲ ଥିଲେ। ଏହି ଅବସରରେ କୋର୍ଟ ପରିସରରେ ଚାରା ରୋପଣ କରାଯାଇଥିଲା। ସେହିପରି ବିଚାରପତି ମହାପାତ୍ର ଗୁରୁବାର ଅପରାହ୍ନରେ ଜିଲା କୋର୍ଟ ବୁଲି ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ସନ୍ଧ୍ୟାରେ ଆଇନଜୀବୀଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଆଇନଜୀବୀ ଏବଂ କୋର୍ଟରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

